# NATIONAL NEWS BULLETIN (ODIA)
## 23 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବି କରି ସଂସଦର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ।

– ଆଜି ତୃତୀୟ ଦିନ ପାଇଁ ଲୋକସଭା ଓ ରାଜ୍ୟସଭା ମୁଲତବୀ ।

- ଭାରତ-ବ୍ରିଟେନ୍ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ବ୍ରିଟେନ୍ ଗସ୍ତରେ ଯାଉଛନ୍ତି ପ୍ରଧାନମନ୍ତ୍ରୀ ।
- ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କଲେ ନିର୍ବାଚନ କମିଶନ୍ ।

ଏବଂ

- ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ଼୍ରେ ଆଣ୍ଡରସନ୍-ତେନ୍ଦୁଲକର ସିରିଜ୍ର ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ।

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ବିରୋଧୀ ଦଳ ଗୁଡ଼ିକ ପ୍ରତିବାଦ ଜାରି ରଖିବାରୁ ସଂସଦର ଉଭୟ ଗୃହର କାର୍ଯ୍ୟ ଲଗାତାର ତୃତୀୟ ଦିନ ପାଇଁ ବାଧାପ୍ରାପ୍ତ ହୋଇଛି । ବିରୋଧୀ ଦଳ ଗୁଡ଼ିକ ବିହାର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ପ୍ରତିବାଦ କରିଥିଲେ । ଆଜି ଉଭୟ ଲୋକସଭା ଏବଂ ରାଜ୍ୟସଭା ଦୁଇ ଦୁଇଥର ମୁଲତବୀ ହେବା ପରେ ଶେଷରେ ସମ୍ପୂର୍ଣ୍ଣ ଦିନ ପାଇଁ ମୁଲତବୀ ରହିଥିଲା । ଦ୍ୱିତୀୟ ମୁଲତବୀ ପରେ ଅପରାହ୍ଣ ୨ଟାରେ ଲୋକସଭା ପୁଣି ସମ୍ମିଳିତ ହେବା ପରେ ବିରୋଧୀ କଂଗ୍ରେସ, ଡି.ଏମ୍.କେ., ସମାଜବାଦୀ ପାର୍ଟି ଏବଂ ଅନ୍ୟ ଦଳ ଗୁଡ଼ିକର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ଅଧିକାରୀ ବିକ୍ଷୋଭରତ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବା ଲାଗି ଅନୁରୋଧ କରିଥିଲେ । ସେ କହିଥିଲେ, ଗୋଆ ରାଜ୍ୟର ବିଧାନସଭା କ୍ଷେତ୍ରରେ ଅନୁସୂଚୀତ ଜନଜାତିଙ୍କ ପ୍ରତିନିଧିତ୍ୱ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନା ଲାଗି ତାଲିକାଭୁକ୍ତ ହୋଇଥିବାରୁ ସଦସ୍ୟମାନଙ୍କୁ ଆଲୋଚନାରେ ଭାଗ ନେବା ଲାଗି ଅନୁରୋଧ କରିଥିଲେ ।

ସେ କହିଥିଲେ, ମୌସୁମୀ ଅଧିବେଶନର ପ୍ରଥମ ଦୁଇ ଦିନ କୌଣସି କାର୍ଯ୍ୟ ନ ହୋଇ ମୁଲତବୀ ରହିଥିବାରୁ, ବିରୋଧୀ ଦଳ ବିଲ୍ ଉପରେ ହେବାକୁ ଥିବା ଆଲୋଚନାରେ ଭାଗ ନେବା ଉଚିତ୍ । ତେବେ ହଟ୍ଟଗୋଳ ଜାରି ରହିବାରୁ ପିଠାସୀନ ବାଚସ୍ପତି ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ ।

ପୂର୍ବରୁ ଆଜି ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଲୋକସଭା ସମ୍ମିଳିତ ହେବା ପରେ ବିରୋଧୀ ଦଳ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବି କରି ସ୍ଲୋଗାନ୍ ଦେଇଥିଲେ । ସେମାନେ ମଧ୍ୟ ଅନ୍ୟ କେତେକ ପ୍ରସଙ୍ଗ ଆଲୋଚନା ଲାଗି ଗ୍ରହଣ କରିବାକୁ ଦାବି କରିଥିଲେ । ବିହାରରେ ଏଇ ସ୍ୱତନ୍ତ୍ର ସଂଶୋଧନ ଅଭିଯାନକୁ ପ୍ରତ୍ୟାହାର କରିବା ଲାଗି ବିରୋଧୀ ଦଳ ସଦସ୍ୟମାନେ ଦାବି କରିଥିଲେ । ହଟ୍ଟଗୋଳ ମଧ୍ୟରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ୨୦୨୫ ଏବଂ ଜାତୀୟ ଡୋପିଂ ନିରୋଧି ସଂଶୋଧନ ବିଧେୟକ ୨୦୨୫ ଆଗତ କରିଥିଲେ । ପିଠାସୀନ ଅଧ୍ୟକ୍ଷା ଶୂନ୍ୟକାଳ ଚଳାଇ ରଖିବା ଲାଗି ଉଦ୍ୟମ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ସ୍ଲୋଗାନ୍‌ଦେବା ଜାରି ରଖିଥିଲେ ।

ଅଧ୍ୟକ୍ଷ କହିଥିଲେ, ବିରୋଧୀଙ୍କ ଦ୍ୱାରା ଉପସ୍ଥାପନ କରାଯାଉଥିବା ପ୍ରସଙ୍ଗ ଗୁଡ଼ିକ ଉପରେ ସରକାର ଆଲୋଚନା କରିବା ପାଇଁ ପ୍ରସ୍ତୁତ କିନ୍ତୁ ବିରୋଧୀ ସଦସ୍ୟମାନେ ଗୃହ କାର୍ଯ୍ୟ କରିବାକୁ ଦେଉ ନାହାନ୍ତି । ଏଭଳି ପରିସ୍ଥିତିରେ ସେ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ଆଜି ସକାଳେ ପୂର୍ବାହ୍ଣ ୧୧ଟାରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ମାତ୍ରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବି କରି ସ୍ଲୋଗାନ୍ ଦେଇଥିଲେ । ଶ୍ରୀ ବିର୍ଲା କହିଥିଲେ, ଦେଶର ଲୋକମାନେ ସେମାନଙ୍କ ଆଚରଣ ଦେଖୁଛନ୍ତି । ବିରୋଧୀ ସଦସ୍ୟଙ୍କ ଦ୍ୱାରା ହଟ୍ଟଗୋଳ ଏବଂ ପ୍ଲାକାର୍ଡ଼ ପ୍ରଦର୍ଶନ ଚାଲିଥିବା ବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିହାରରେ ରେଳ ପ୍ରକଳ୍ପ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇଥିଲେ । ବିରୋଧୀ ସଦସ୍ୟମାନେ ପ୍ରତିବାଦ ଜାରି ରଖିବାରୁ ବଚସ୍ପତି ଓମ୍ ବିର୍ଲା ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ ଘୋଷଣା କରିଥିଲେ । କୋଳାହଳ ମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ,

**V/O-Ashuni Vaisnaba**

ଅନ୍ୟ ପକ୍ଷରେ ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ଦ୍ୱିତୀୟଥର ମୁଲତବୀ ପରେ ଅପରାହ୍ଣ ୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହରେ ହଟ୍ଟଗୋଳ ସୃଷ୍ଟି କରିବା ସହ ବିହାର ସ୍ୱତନ୍ତ୍ର ଭୋଟରତାଲିକା ସଂଶୋଧନ ଅଭିଯାନ ଉପରେ ଆଲୋଚନା ଦାବି କରିଥିଲେ ।

ତେବେ ହଟ୍ଟଗୋଳ ମଧ୍ୟରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ସମୁଦ୍ରରେ ସାମଗ୍ରୀ ପରିବହନ ବିଧେୟକ ୨୦୨୫ ଆଗତ କରିଥିଲେ । କିନ୍ତୁ ତାହା ଉପରେ ଆଲୋଚନା ହୋଇପାରି ନ ଥିଲା । କଂଗ୍ରେସ, ଡି.ଏମ୍.କେ. ଏବଂ ଟି.ଏମ୍.ସି. ସମେତ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ଦାବି ଗ୍ରହଣ କରିବା ଲାଗି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଛିଡ଼ା ହୋଇ ରହିଥିଲେ । ହଟ୍ଟଗୋଳ ଜାରି ରହିବାରୁ ରାଜ୍ୟସଭା ଅଧ୍ୟକ୍ଷ ଆଜି ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ତେବେ ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଅଧ୍ୟକ୍ଷ ପ୍ରଶ୍ନକାଳ ଚଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀ ଦଳ ଗୁଡ଼ିକ ହଟ୍ଟଗୋଳ ଜାରି ରଖିଥିଲେ । ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷ ରାଜ୍ୟସଭାକୁ ଅପରାହ୍ଣ ୨ଟା ଯାଏଁ ମୁଲତବୀ ରଖିଥିଲେ ।

ଆଜି ସକାଳେ ପୂର୍ବାହ୍ଣ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସମାନ ଦାବି ନେଇ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ସ୍ଲୋଗାନ୍ ଦିଆଯାଇଥିଲା । ଉପାଧ୍ୟକ୍ଷ ହରିବଂଶ ବିରୋଧୀ ସଦସ୍ୟଙ୍କ ଦ୍ୱାରା ଆଗତ ମୁଲତବୀ ନୋଟିସ୍‌କୁ ଅଗ୍ରାହ୍ୟ କରିଥିଲେ । ସେ ବିରୋଧୀ ସଦସ୍ୟମାନଙ୍କୁ ଶୂନ୍ୟକାଳ ଚଳାଇବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ଦଳ ଗୁଡ଼ିକ ପ୍ରତିବାଦ ଜାରି ରଖିବାରୁ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

# ପିଏମ୍-ଲଣ୍ଡନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ-ବ୍ରିଟେନ୍ ସମ୍ପର୍କକୁ ଅଧିକ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସରକାରୀ ଗସ୍ତରେ ବ୍ରିଟେନ୍ ଯାଉଛନ୍ତି । ଆମ ସମ୍ବାଦଦାତା କହିଛନ୍ତି, ଆସନ୍ତାକାଲି ସେଠାରେ ଉଭୟ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବ । ସେଠାରେ ଆଜି ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ହୋଟେଲ୍‌ରେ ପ୍ରବାସୀ ଭାରତୀୟମାନେ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିବେ । ଏଥିରେ ଆସାମ, ଗୁଜରାଟ, ବିହାର ଏବଂ ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସହ ଢୋଲ, ତାସା ଏବଂ ଡ୍ରମ୍ ବାଦ୍ୟ ଜରିଆରେ ସ୍ୱାଗତ କରାଯିବ । ଶ୍ରୀ ମୋଦୀ 'ଭାରତ୍ କୋ ଜାନିଏ' ବିଜେତାମାନଙ୍କୁ ସାକ୍ଷାତ କରିବେ । ଆଜି ବ୍ରିଟେନ୍‌କୁ ପ୍ରସ୍ଥାନ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ଏବଂ ବ୍ରିଟେନ୍ ଏକ ବ୍ୟାପକ ରଣନୈତିକ ସହଭାଗିତାର ଅଂଶିଦାର ଅଟନ୍ତି ଏବଂ ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଯୋଗ କ୍ଷେତ୍ରରେ ବ୍ୟାପକ ବିକାଶ ଘଟିଛି । ଆସନ୍ତାକାଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍‌ଙ୍କ ସହ ସାକ୍ଷାତ ସମୟରେ ଉଭୟ ଦେଶରେ ସମୃଦ୍ଧି, ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆର୍ଥିକ ସହଭାଗିତାକୁ ବୃଦ୍ଧି କରିବା ଲାଗି ସୁଯୋଗ ମିଳିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଇସିଆଇ-ଭାଇସ୍ ପ୍ରେସିଡେଣ୍ଟ

ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ନିର୍ବାଚନ କମିଶନ୍ ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ଧନଖଡ଼ଙ୍କ ଇସ୍ତଫା ଗୃହିତ ହେବା ନେଇ ସୂଚନା ମିଳିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ଗତ ସୋମବାର ଦିନ ଶ୍ରୀ ଧନଖଡ଼ ସ୍ୱାସ୍ଥ୍ୟ ସମସ୍ୟା ଦର୍ଶାଇ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ ।

ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ପରେ ନିର୍ବାଚନ କମିଶନଙ୍କ ଦ୍ୱାରା ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯିବ । ପ୍ରକ୍ରିୟା ଅନୁଯାୟୀ ଲୋକସଭା, ରାଜ୍ୟସଭା ଏବଂ ମନୋନୀତ ସଦସ୍ୟଙ୍କୁ ନେଇ ଇଲେକ୍ଟୋରାଲ୍ କଲେଜ୍ ଗଠନ ପ୍ରସ୍ତୁତି ଆରମ୍ଭ ହୋଇଛି ।

ନିର୍ବାଚନ କମିଶନ୍ ସମ୍ବିଧାନର ଧାରା ୩୨୪ ଅନ୍ତର୍ଗତ ଉପରାଷ୍ଟ୍ରପତି ପଦବୀ ନିମନ୍ତେ ନିର୍ବାଚନ ପରିଚାଳନା କରିବା ବାଧ୍ୟତାମୂଳକ । ଅନ୍ୟ ପକ୍ଷରେ ଉପରାଷ୍ଟ୍ରପତି ପଦବୀ ନିମନ୍ତେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଆଇନ୍ ୧୯୫୨ ଏବଂ ୧୯୭୪ ଅନୁଯାୟୀ ପରିଚାଳିତ ହେବ ।

## ପାର୍ଲାମେଣ୍ଟ-ଲୋକସଭା ରିଆକସନ୍

କ୍ରମାଗତ ଭାବେ ତୃତୀୟ ଦିନ ଲାଗି ଲୋକସଭାରେ ହଟ୍ଟଗୋଳ ଜାରି ରହିବାରୁ ଆଜି ମଧ୍ୟ କୌଣସି କାର୍ଯ୍ୟ ସମ୍ଭବ ହୋଇପାରି ନ ଥିଲା । ଏ ସମ୍ପର୍କରେ କେନ୍ଦ୍ର କୃଷିମନ୍ତ୍ରୀ ସଂସଦ ବାହାରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, **V/O-Sibraj Singh BJP Coment**

ଅନ୍ୟ ପକ୍ଷରେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ବିରୋଧି ଦଳ ଗୁଡ଼ିକର ଏଭଳି କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିଛନ୍ତି । ସଂସଦ ବାହାରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, **V/O-Giriraj Singh BJP Coment**

## ଏମ୍ଇଏ-ପ୍ଲେନ୍ କ୍ରାସ୍

ଅହମ୍ମଦାବାଦରେ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ପ୍ରୋଟୋକଲ ଏବଂ ବିଭିନ୍ନ ବୈଷୟିକ ଆବଶ୍ୟକତା ଅନୁଯାୟୀ କର୍ତ୍ତୃପକ୍ଷ ପିଡ଼ିତଙ୍କ ଚିହ୍ନଟ କାର୍ଯ୍ୟ କରୁଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ଏୟାର୍ ଇଣ୍ଡିଆ ଦୁର୍ଘଟଣା ସମ୍ପର୍କରେ ବ୍ରିଟିଶ୍ ଦୈନିକ ସମ୍ବାଦପତ୍ର 'ଦ ଡେଲି ମେଲ୍'ରେ ପ୍ରକାଶିତ ଏକ ରିପୋର୍ଟ୍ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ସମସ୍ତ ପାର୍ଥିବ

ଶରୀରକୁ ଯଥୋଚିତ ସମ୍ମାନ ସହ ସେମାନଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଇଛି । ଏହି ପ୍ରସଙ୍ଗ ସହିତ ଜଡ଼ିତ ଯେକୌଣସି ସମସ୍ୟାର ସମାଧାନ ପାଇଁ ଭାରତ ପକ୍ଷରୁ ଲଣ୍ଡନ କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି ।

## ମହାରାଷ୍ଟ୍ର-ଗଣେଶ ଆଇଡଲ୍‌ସ

ମହାରାଷ୍ଟ୍ର ସରକାର ଆଜି ବମ୍ବେ ହାଇକୋର୍ଟକୁ ଜଣାଇଛନ୍ତି ଯେ କେବଳ ୫ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ଗୁଡ଼ିକୁ ପ୍ରାକୃତିକ ଜଳ ଭଣ୍ଡାରରେ ବିସର୍ଜନ ପାଇଁ ଅନୁମତି ଦିଆଯିବ । ଆଡଭୋକେଟ୍ ଜେନେରାଲ୍ ଡକ୍ଟର ବୀରେନ୍ଦ୍ର ସରାଫ୍ କହିଛନ୍ତି, ପ୍ରାୟ ୧ ଲକ୍ଷ ୯୬ ହଜାର କ୍ଷୁଦ୍ର ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ତିଆରି ମୂର୍ତ୍ତି ଗୁଡ଼ିକୁ କୃତ୍ରିମ ପୋଖରୀରେ ବିସର୍ଜନ କରିବାକୁ ହେବ । ଅନ୍ୟ ୭ ହଜାର ୫ ଫୁଟ୍‌ରୁ ଅଧିକ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଗୁଡ଼ିକ ପ୍ରାକୃତିକ ଜଳଭଣ୍ଡାରରେ ବିସର୍ଜନ କରାଯିବ । ପରିବେଶଗତ ସମସ୍ୟାକୁ ନେଇ ନ୍ୟାୟାଳୟ ପ୍ରଶ୍ନ କରିବା ସହ କୃତ୍ରିମ ପୋଖରୀରେ ୮ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ବିସର୍ଜନ ନେଇ ସ୍ପଷ୍ଟିକରଣ ଲୋଡ଼ିଛନ୍ତି । ଆସନ୍ତା ଅଗଷ୍ଟ ୨୭ ତାରିଖରେ ଗଣେଶ ଉତ୍ସବ ଆରମ୍ଭ ହୋଇଥିବାରୁ ହାଇକୋର୍ଟ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିବାର ସମ୍ଭାବନା ରହିଛି ।

# କ୍ରିକେଟ୍-ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫଡ୍‌ରେ ଆରମ୍ଭ ହୋଇଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ପ୍ରଥମ ଇନିଂସରେ ଏପର୍ଯ୍ୟନ୍ତ ଭାରତ ଇଂଲଣ୍ଡ ବିପକ୍ଷରେ ୪୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୨୦ ରନ୍ କରିଛି । ଆଜି ଇଂଲଣ୍ଡ ଟସ୍ ଜିତିବା ପରେ ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ଗୋଟିଏ ମ୍ୟାଚ୍ ଜିତିଥିବା ବେଳେ ଇଂଲଣ୍ଡ ୨ଟି ମ୍ୟାଚ୍ ଜିତି ଆଗରେ ରହିଛି ।

ଆଜିର ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳରେ ତିନୋଟି ପରିବର୍ତ୍ତନ କରାଯାଇଛି । କରୁଣ ନାୟାର, ନୀତିଶ ରେଡ୍ଡୀ ଏବଂ ଆକାଶ ଦୀପଙ୍କ ସ୍ଥାନରେ ସାଇ ସୁଦର୍ଶନ, ସାର୍ଦ୍ଦୁଲ୍ ଠାକୁର ଏବଂ ଅଂଶୁଲ କାମ୍ବୋଜଙ୍କୁ ଦଳରେ ନିଆଯାଇଛି ।

# ବ୍ୟାଡ୍‌ମିଣ୍ଟନ୍-ଚାଇନା ଓପନ୍

ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନ୍‌ରେ ଭାରତର ପି.ଭି. ସିନ୍ଧୁ ଜାପାନର ଟୋମୋକା ମିୟାଜାକିଙ୍କୁ ପରାସ୍ତ କରି ସୁପର ୱାନ୍ ଥାଉଜାଣ୍ଡ ଅଭିଯାନ ଆରମ୍ଭ କରିଥିବା ବେଳେ ଉନ୍ନତି ହୁଡ୍ଡା ଏବଂ ପୁରୁଷ ଡବଲ୍ସ ଯୋଡ଼ି

ଶାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚୀରାଗ୍ ସେଟ୍ଟୀ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରିଛନ୍ତି । ପୂର୍ବତନ ବିଶ୍ୱ ଚମ୍ପିୟାନ୍ ପି.ଭି. ସିନ୍ଧୁ ୬୨ ମିନିଟ୍‌ର ଖେଳରେ ୨୧-୧୫, ୮-୨୧ ଏବଂ ୨୧-୧୭ରେ ମିୟାଜାକିଙ୍କୁ ପରାସ୍ତ କରିଛନ୍ତି । ସେ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ମାଷ୍ଟର୍ସ ୨୦୨୨ ଏବଂ ଆବୁଧାବି ମାଷ୍ଟର୍ସ ୨୦୨୩ର ବିଜେତା ୧୭ ବର୍ଷୀୟ  ଭାରତର ଉନ୍ନତି ହୁଡ୍ଡାଙ୍କ ବିପକ୍ଷରେ ମୁକାବିଲା କରିବେ । ସେହିପରି ପୁରୁଷ ଡବଲ୍ସ ଯୋଡ଼ିରେ ବିଶ୍ୱର ୧୫ତମ ସ୍ଥାନରେ ଥିବା ଶାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ଜାପାନ୍‌ର ଯୋଡ଼ି କେନୟା ମିତସୁହାସି ଏବଂ ହିରୋକି ଓକାମୁରାଙ୍କୁ ୨୧-୧୩, ୨୧-୯ରେ ପରାସ୍ତ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟ ଇଣ୍ଡୋନେସିଆ ଯୋଡ଼ିଙ୍କୁ ସାମ୍ନା କରିବେ । ମହିଳା ଡବଲ୍ସରେ ଋତୁପର୍ଣ୍ଣା ପଣ୍ଡା ଏବଂ ସ୍ୱତପଦ୍ମା ପଣ୍ଡାଙ୍କ ଯୋଡ଼ି ହଙ୍ଗ୍‌କଙ୍ଗ୍ ଯୋଡ଼ିଙ୍କ ଠାରୁ ୧୨-୨୧, ୧୩-୨୧ରେ ପରାସ୍ତ ହୋଇଛନ୍ତି ।